To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

୨୦୧୭ରେ ଏ ପର୍ଯ୍ୟନ୍ତ ୭୩ ବାଘଙ୍କ ମୃତ୍ୟୁ ଘଟିଲାଣି

R.N.I. No.-42041/83 Vol-15, Issue No.115, ଭଦ୍ରକ, ମଙ୍ଗଳବାର, ୨୪, ଅକ୍ଟୋବର ୨୦୧୭ ■ Bhadrak, Tuesday, 24 October 2017 Rs. 2.00 Pages-8

ଦାମଙ୍କ ବଡ଼ ବୟାନ

ହାତ-ଶଙ୍ଖ ମେଣ୍ଟ ଚର୍ଚ୍ଚା

କଂଗ୍ରେସ ସହ ମିଶି ବିଜେଡି ଲଢ଼ିବାରେ ବାଧା ନାହିଁ : ଦାମ

ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବେ : ନରସିଂହ

ଭୁବନେଶ୍ୱର, ୨୩ ଅକ୍ଟୋବର - ଆଗାମୀ ସାଧାରଣ ନିର୍ବାଚନରେ ଓଡିଶାରେ ନୂଆ ରାଜନୈତିକ ସମୀକରଣ ହେବ । ବିଜେପି ଏକ ସାମ୍ପ୍ରଦାୟିକ ଦଳ ହୋଇଥିବାରୁ ଏହାକୁ ରୋକିବା ପାଇଁ ଅଣ ବିଜେପି ଶକ୍ତି ମାନେ ଏକାଠି ହେବାର ଆବଶ୍ୟକତା ପଡିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡିର ଆଗାମୀ ନିର୍ବାଚନରେ କଂଗ୍ରେସ ଦଳ ସହିତ ମେଂଟ ହୋଇପାରେ । ଗଣମାଧ୍ୟମରେ ବିଜେଡିର ତୁଙ୍ଗ ନେତା ତଥା ବରିଷ୍ଠ ମନ୍ତ୍ରୀ ଡା. ଦାମୋଦର ରାଉତ କଂଗ୍ରେସକୁ ଏହି ଆହ୍ୱାନ ଦେଇଛନ୍ତି । ଅନ୍ୟପକ୍ଷରେ ଏପ୍ରସଙ୍ଗ ଉପରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସମ୍ପର୍କରେ କୌଣସି ବକ୍ତବ୍ୟ ରଖି ନାହାନ୍ତି । ତାଙ୍କର ସ୍ୱଷ୍ଟୋକ୍ତି ନପାଇବା ପର୍ଯ୍ୟନ୍ତ ଏହା ଉପରେ ଟିପ୍ପଣୀ ଦେବା ଅନୁଚିତ୍ । ସେ ବ୍ୟକ୍ତିଗତ ଭାବରେ ସାମ୍ପ୍ରଦାୟିକତାକୁ ଘୃଣା କରନ୍ତି । ସାମ୍ପ୍ରଦାୟିକତା ବିରୋଧରେ ଉଭୟ ଉଭୟଙ୍କୁ ସାହାଯ୍ୟ କରିବା ଉଚିତ୍ । ତେବେ ଦଳର ହାଇକମାଣ୍ଡ ଚୂଡାନ୍ତ ନିଷ୍ପତି ନେବେ ବୋଲି ସେ କହିଛନ୍ତି । ସେହିପରି ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ଏହା ତାଙ୍କର ବ୍ୟକ୍ତିଗତ ମତ । ଆମେ ଉଭୟ ବିଜେଡି ଓ କଂଗ୍ରେସ ବିରୋଧରେ ଲଢୁଛୁ । କଂଗ୍ରେସ କାହା ସହିତ ବୁଝାମଣା କରିବ କି ନକରିବ ସେ ନିଷ୍ପତି ଏଆଇସିସି ର । ଏଥିପାଇଁ ଏକ କମିଟି ଅଛି । ଉକ୍ତ କମିଟି ପ୍ରଦେଶ କଂଗ୍ରେସ ସହ ଆଲୋଚନା କରିବା ପରେ ଅନ୍ୟ ଦଳ ସହ ବୁଝାମଣା କରିବା ଉପରେ ନିଷ୍ପତି ନେଇଥାଏ ବୋଲି ସେ କହିଛନ୍ତି । ଶ୍ରୀ ରାଉତ କହିଛନ୍ତି ଯେ ଅନ୍ୟ ରାଜନୈତିକ ଦଳ ବିଜେଡିକୁ ଯଦି ସହଯୋଗ କରନ୍ତି ବିଜେଡି ଏହାକୁ ସ୍ୱାଗତ କରିବ । ତେବେ ଏସମ୍ପର୍କରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତିଗତ ଭାବେ ନିଷ୍ପତି ନେବେ। କଂଗ୍ରେସ ସହିତ ମେଂଟରେ ଲଢିଲେ କୌଣସି ବାଧା ନାହିଁ । ଏହି ଦଳ ଏକ ଧର୍ମ ନିରପେକ୍ଷ ଦଳ। ୧୪୭ ଟି ଆସନ ମଧ୍ୟରୁ ଯେଉଁଠି ସମ୍ଭାବନା ରହିଛି ସେମାନେ ତାହା ପ୍ରକାଶ କରନ୍ତୁ ବୋଲି ଶ୍ରୀ ରାଉତ କହିଛନ୍ତି। ନବୀନ ପଟ୍ଟନାୟକ ଏହାର ଚୂଡ଼ାନ୍ତ ନିଷ୍ପତି ନେବେ । ସେ ଆହୁରି କହିଛନ୍ତି ଯେ ୨୦୦୯ ମସିହାରୁ ଦେଶର ଦୁଇ ଜାତୀୟ ରାଜନୈତିକ ଦଳ କଂଗ୍ରେସ ଓ ବିଜେପିଠାରୁ ବିଜେଡି ସମ ଦୂରତା **(ପୃଷ୍ଠା-୭)**

ସ୍ୱେରେଜ ନିର୍ମାଣ ପାଇଁ ଇପିସି ପଦ୍ଧତିରେ ଟେଣ୍ଡର ଆହ୍ୱାନ

ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଲାଗି ୧୨ ଶହ କୋଟି

୩ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୨୩।୧୦ (ସକାଳ ଖବର): - ରାଜଧାନୀ ଭୁବନେଶ୍ୱର ସହରର ସ୍ୱେରେଜ ବ୍ୟବସ୍ଥା ନିର୍ମାଣ ପାଇଁ ଇପିସି ପଦ୍ଧତିରେ ଟେଣ୍ଡର ଆହ୍ୱାନ କରିବାକୁ ଆସିଥିବା ପ୍ରସ୍ତାବକୁ କ୍ୟାବିନେଟ ମଂଜୁରୀ ଦେଇଛି । ଏ ସମ୍ପର୍କରେ ସୂଚନା ଦେଇ କ୍ୟାବିନେଟ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ୨୦୧୧ ଜନଗଣନା ଏନୁସାରେ ମହାନଦୀର ଶାଖା କୁଆଖାଇ ଓ ଦୟା ନଦୀ କୂଳରେ ଅବସ୍ଥିତ ଏହି ସହରରେ ଜନ ସଂଖ୍ୟା ୮ ଲକ୍ଷ ୩୮ ହଜାର ହୋଇଛି । ୧୯୯୪ ମସିହାରୁ ଏହା ମ୍ୟୁନିସିପାଲ କର୍ପୋରେସନରେ ପରିଣତ ହୋଇଛି । ସହରର ବର୍ଜ୍ୟ ଜଳ ପରିଚାଳନା କରିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ସ୍ୱେରେଜ ବ୍ୟବସ୍ଥା ନାହିଁ । ଗୃହ ତଥା ବିଭିନ୍ନ ପ୍ରତିଷ୍ଠାନ ଗୁଡିକରୁ ବାହାରୁଥିବା ବର୍ଜ୍ୟ ଜଳ ଛୋଟ ବଡ ନାଳ ଦେଇ ଏହି ଦୁଇ ନଦୀରେ ମିଶି ପ୍ରଦୂଷିତ କରୁଛି । ସହରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଭୁବନେଶ୍ୱର ପାଇଁ ସ୍ୱେରେଜ ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ଏ ସହରକୁ ସମୁଦାୟ ୬ଟି ସ୍ୱେରେଜ ଜିଲ୍ଲାରେ ବିଭାଜିତ କରା ଯାଇଛି । ସ୍ୱେରେଜ ଜିଲ୍ଲା ୧ରୁ ୫ ଓଡବଲ୍ୟୁଏସଏସବି ମାଧ୍ୟମରେ ଓ ସ୍ୱେରେଜ ଜିଲ୍ଲା ୬ ଜାପାନର ଜାଇକା ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି । ସ୍ୱେରେଜ ଜିଲ୍ଲା ୧ ଓ ୨ର କାର୍ଯ୍ୟ ଦ୍ୱାଦଶ ଅର୍ଥ କମିଶନ ଅନୁଦାନ ମାଧ୍ୟମରେ ଏବଂ ସ୍ୱେରେଜ ଜିଲ୍ଲା ୩,୪, ୫ କେନ୍ଦ୍ର ସରକାରଙ୍କ ପୂର୍ବ ପ୍ରବର୍ତ୍ତିତ ଜେଏନୟୁଆରଏମ ମିଶନ ମାଧ୍ୟମରେ କାର୍ଯ୍ୟକାରୀ କରା ଯାଉଛି । ୨୦୦୭ ମସିହାରେ ପ୍ରଶାସନିକ ଅନୁମୋଦନ ଲାଭ କରିଥିବା ସ୍ୱେରେଜ (ଅଟକଳ ମୂଲ୍ୟ ୭୫୪.୨୩ କୋଟି), ପ୍ରକଳ୍ପରେ ସିବର ଲିଂକ, ଏସଟିପି, ପମ୍ପିଂ ଷ୍ଟେସନ ନିର୍ମାଣ ବ୍ୟବସ୍ଥା ରହିଥିଲା । ପରବର୍ତ୍ତୀ ସମୟରେ ସ୍ୱେରେଜ ଜିଲ୍ଲା ୧, ୨ ଓ ୩ରେ କେବଳ ସିବର ବିଛାଣ ନିମନ୍ତେ ଟେଂଡର ଆହ୍ୱାନ କରା ଯାଇଥିବା ବେଳେ ଏସଟିପି ଓ ପମ୍ପିଂ ଷ୍ଟେସନ ପାଇଁ ପୃଥକ ପୃଥକ ଟେଂଡର ଆହ୍ୱାନ କରା ଯାଇଥିଲା । ଏହି ସବୁ ସିବରେଜ ଜିଲ୍ଲାରେ ସ୍ୱେରେଜ ଲାଇନ ବିଛାଣ କାର୍ଯ୍ୟ ନିମନ୍ତେ ମେସର୍ସ ଇସିସିଆଇ ଲିମିଟେଡଙ୍କ ମାଧ୍ୟମରେ ସମ୍ପାଦିତ କରିବା ପାଇଁ ସରକାର ଅନୁମୋଦନ କଲେ । ପୂର୍ବରୁ ଏହି ପ୍ରକଳ୍ପ ଅନ୍ତର୍ଗତ ସ୍ୱେରେଜ ଜିଲ୍ଲା ୧ ଓ ୨ ଅଂଚଳରେ ସ୍ୱିରେଜ ଲାଇନ ବିଛାଣ ନିମନ୍ତେ ୧୩୬ କୋଟି ଟଙ୍କା ଓ ସ୍ୱିରେଜ ଜିଲ୍ଲା ୩ ନିମନ୍ତେ ୧୫୦ କୋଟି ଟଙ୍କା, ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଚେନ୍ନାଇ ସ୍ଥିତ ଉକ୍ତ କମ୍ପାନୀକୁ ଦିଆ ଯାଇଥିଲା । ୨୦୦୭ ମସିହାରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସଂପୃକ୍ତ ନିର୍ମାଣକାରୀ ସଂସ୍ଥା ମନ୍ଥର ଗତିରେ କାମ କରିବାରୁ ତାଙ୍କ ସହିତ ହୋଇଥିବା ଚୁକ୍ତିକୁ ବାତିଲ କରାଯାଇଛି । ଅବଶିଷ୍ଟ କାମକୁ କରିବା ନିମନ୍ତେ ନୂତନ ନିର୍ମାଣକାରୀ ସଂସ୍ଥା ଚୟନ କରିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ପରବର୍ତୀ ନିଷ୍ପତି ଅନୁଯାୟୀ ସ୍ୱେରେଜ ଜିଲ୍ଲା ୧,୨, ୩ ନିମନ୍ତେ ଆହ୍ୱାନ **(ପୃଷ୍ଠା-୭)**

ଋଷି ହତ୍ୟା ମାମଲାରେ ସିବିଆଇ ତଦନ୍ତ ଦାବିକଲେ ତାଙ୍କ ମାଆ

ଭୁବନେଶ୍ୱର, ୨୩।୧୦ (ସକାଳ ଖବର): ରାଜଧାନୀରେ ବହୁଚର୍ଚ୍ଚିତ ଇଂଜିନିୟରିଂ ଛାତ୍ର ଋଷି ମହାନ୍ତି ହତ୍ୟାକାଣ୍ଡ ମାମଲାରେ ସିବିଆଇ ତଦନ୍ତ କରିବା ପାଇଁ ରାଜ୍ୟ ସରକାର ଚାହାଁନ୍ତି ନାହିଁ ବୋଲି ମୃତକ ଛାତ୍ରଙ୍କ ମାଆ ଅଭିଯୋଗ କରିଛନ୍ତି । ବିଜେପି ଲିଗାଲ ସେଲର କର୍ମକର୍ତାମାନଙ୍କ ଆଗରେ ଏହି ଅଭିଯୋଗ କରିଛନ୍ତି ବୋଲି ସେଲର ସଭ୍ୟ ଜୟନ୍ତୀ ଜେନା ପ୍ରକାଶ କରିଛନ୍ତି । ଏହି ପରିବାରକୁ ସେଲ ପକ୍ଷରୁ ଆଇନର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି ।

ଡିଏଫ୍‌ଓଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର,୨୩।୧୦ (ସକାଳ ଖବର): ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ଭୁବନେଶ୍ୱରର ସିଟି ଡିଭିଜନ୍ ର ଡିଏଫ୍‌ଓ ଚିତରଂଜନ ମିଶ୍ରଙ୍କ ଘର ଉପରେ ଭିଜିଲାନ୍ସ ଚଢାଉ ହୋଇଛି । ଭିଜିଲାନ୍ସର ୫ଟି ଟିମ୍ ଚିତରଂଜନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଏକକାଳୀନ ଚଢାଉ ଜାରି ରଖିଛନ୍ତି । ଶ୍ରୀ ମିଶ୍ରଙ୍କ ଭୁବନେଶ୍ୱର ସହିଦ ନଗର ଓ କଟକ ସ୍ଥିତ କାର୍ଯ୍ୟାଳୟ, ରାଧାକ୍ରୀଷ୍ଣ ନଗର ପ୍ଲଟ୍ ନମ୍ବର ୩୩୦/୨୪୧୮ ବାସଭବନ, ଗ୍ୟାରେଜ୍ ଛକ ଓ ଓଲ୍ଡ ଟାଉନ ସ୍ଥିତ ଘର, ପାଟପୁରରେ ଥିବା ଶ୍ୱଶୁର ଘର, ପୁରୀର ନୀମାପଡ଼ା, ନରସିଂହପୁରର **(ପୃଷ୍ଠା-୭)**

ବଦଳିବ ମାଟ୍ରିକ୍ ପରୀକ୍ଷା ଢ଼ାଞ୍ଚା

ଭୁବନେଶ୍ୱର, ୨୩।୧୦ (ସକାଳ ଖବର): -ଆସନ୍ତା ମାଟ୍ରିକ୍ ପରୀକ୍ଷାର ଢାଂଚାଗତ ପରିବର୍ତନ କରାଯିବ । ଏହି ପରିବର୍ତ୍ତିତ ବ୍ୟବସ୍ଥା ଅନୁଯାୟୀ ପିଲା ମାନେ ନିଜ ସ୍କୁଲରେ ପରୀକ୍ଷା ଦେବେନାହିଁ । ଏନେଇ ଆଲେଶଚନା ଚାଲିଛି । ଏହା ବଦଳରେ ସ୍କୁଲ ଠାରୁ ୫ କିମି ପରିସୀମା ମଧ୍ୟରେ ପରୀକ୍ଷା ସେଂଟର କରାଯିବ । ଦରକାର ହେଲେ ୨ଟି ସ୍କୁଲ ମଧରେ ପରୀକ୍ଷା କେନ୍ଦ୍ର ଅଦଳବଦଳ ହେବ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପ୍ରକାଶ କରିଛନ୍ତି । କପି ରୋକିବା ସହ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ବିଭାଗ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ସାମ୍ବାଦିକ ମାନଙ୍କର ଏକ ପ୍ରଶ୍ନର ଉତର ଦେଇ ସେ କହିଥିଲେ ଯେ ବିଶିଷ୍ଟ ଶିକ୍ଷାବିତ୍ ଡ. ଅମୂଲ୍ୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ତଥ୍ୟ ଅନୁସନ୍ଧାନକାରୀ କମିଟିର ୧୪ ଟି ସୁପାରିଶ ମଧ୍ୟରୁ ରାଜ୍ୟ ସରକାର ୨/୩ ଟି କାର୍ଯ୍ୟକାରୀ କରିଥିବା ବେଳେ ଅବଶିଷ୍ଟ ସୁପାରିଶ ଗୁଡିକ କାର୍ଯ୍ୟକାରୀ ହେବାରେ ବିଳମ୍ବ କରାଯାଉଥିବା କାରଣ ସମ୍ପର୍କରେ ସେ କହିଥିଲେ ଯେ ସେ ଏହି କମିଟିର ରିପୋର୍ଟ ଦେଖିନାହାନ୍ତି । ଅନୁଧ୍ୟାନ କରିବା ପରେ ଯାହା କିଛି ନିଷ୍ପତି ନିଆଯିବ । ପ୍ରତିବର୍ଷ ପରୀକ୍ଷା କରାଯିବା ଯୁକ୍ତ ୨ରେ କଲେଜ ନିର୍ବାଚନ ବନ୍ଦ କରିବା ଏବଂ ଆନ୍ଧ୍ରରେ ନକରି ଓଡିଶାରେ ପରୀକ୍ଷା ଖାତା ମୂଲ୍ୟାୟନ କରିବା ସୁପାରିଶକୁ ସରକାର **(ପୃଷ୍ଠା-୭)**

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ହରିହର ବେଶ

ମା'-ଛୁଆ ହାତୀ ମୃତ

ଝାରସୁଗୁଡ଼ା, ୨୩।୧୦ (ସକାଳ ଖବର): ଝାରସୁଗୁଡ଼ା ଜିଲ୍ଲା କିରିମିରା ବ୍ଲକ ତଥା ବାଗଡିହି ରେଞ୍ଜ୍ ଅନ୍ତର୍ଗତ ତେଲିଡିହି ଗ୍ରାମ ରେଳଫାଟକ ନିକଟରେ ଏକ ତିନି ମାସର ହାତୀ ଛୁଆ ଓ ଏକ ୧୫ ବର୍ଷିୟା ମାଆ ହାତୀର ମୃତ୍ୟୁ ଘଟିଛି । କେବୁଲ୍ ଲାଇନ ତାର ଟାଣିବା ପାଇଁ ଖୋଳାଯାଇଥିବା ଖାଲରେ ପଡି ଛୁଆ ହାତୀଟିର ମୃତ୍ୟୁ ଘଟିଥିବା ବେଳେ ଏହାର କିଛି ଦୂରରେ ୩୩ କେ.ଭି. ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମାଆ ହାତୀର ମୃତ୍ୟୁ ଘଟିଛି । ଝାରସୁଗୁଡ଼ା ବନବିଭାଗ ଓ ଲାଇକେରା ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଚଳାଇଛନ୍ତି । ମୃତଦେହକୁ ସେଠାରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ୱଷ୍ଟ ହେବ ବୋଲି ଡି.ଏଫ.ଓ. ସୁଶାନ୍ତ କୁମାର କହିଛନ୍ତି । ପ୍ରକାଶ ଥାଉ କି, ଆଜକୁ ବର୍ଷେ ପୂର୍ବେ ଅନୁରୂପ ଘଟଣା କ୍ରମେ ସେହି ସ୍ଥାନରେ ଏକ ହାତୀର ମୃତ୍ୟୁ ଘଟିଥିଲା ।

ରେଳରୋକ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ରୁଜୁ ହେବ ମାମଲା

ଭୁବନେଶ୍ୱର,୨୩।୧୦ (ସକାଳ ଖବର): ଏଣିକି ଆନ୍ଦୋଳନକାରୀମାନେ ରେଳରୋକ କଲେ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମୋକଦ୍ଦମା ରୁଜୁ କରାଯିବା ସହ ଅର୍ଥଦଣ୍ଡରେ ଦଣ୍ଡିତ କରିବା ପାଇଁ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତି ନିଆଯାଇଛି । ରେଳବାଇର ସୁରକ୍ଷା ନେଇ ପୋଲିସ ମହାନିର୍ଦ୍ଦେଶକ ଡ. ଆର.ପି. ଶର୍ମାଙ୍କର ଅଧକ୍ଷତାରେ ଜି.ଆର.ପି, ଆର.ପି.ଏଫ ଏବଂ ଗୋଇନ୍ଦା ସଂସ୍ଥାର ଅଧିକାରୀ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଅଧିକ ଷ୍ଟେସନରେ ସି.ସି. ଟିଭି ଲଗାଇବା ସହ ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଥିବା ପୋଲିସ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାଲାଗି ସ୍ଥିର ହୋଇଛି ।

ଜାମ୍ମୁ-କାଶ୍ମୀରରେ ଶାନ୍ତି ପାଇଁ ସବୁପକ୍ଷଙ୍କ ସହ ହେବ ଆଲୋଚନା

ପ୍ରତିନିଧିତ୍ୱ କରିବେ ପୂର୍ବତନ ଆଇଜି ଦିନେଶ୍ୱର ଶର୍ମା

ନୂଆଦିଲ୍ଲୀ, ୨୩।୧୦ : କେନ୍ଦ୍ରର ମୋଦୀ ସରକାର ଜାମ୍ମୁ ଓ କାଶ୍ମୀରକୁ ନେଇ ନିଜର ରଣନୀତିରେ ପରିବର୍ତ୍ତନ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଜାମ୍ମୁ ଓ କାଶ୍ମୀରରେ ଶାନ୍ତି ପ୍ରକ୍ରିୟା ପାଇଁ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି । ସୋମବାର ଏହି ବିଷୟରେ ସୂଚନା ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଜାମ୍ମୁ ଓ କାଶ୍ମୀର ପ୍ରସଙ୍ଗ ଉପରେ ସରକାର ଆଲୋଚନା କରିବାକୁ ଚାହୁଁଛନ୍ତି । ଏଥିରେ କେନ୍ଦ୍ର ପକ୍ଷରୁ ପୂର୍ବତନ ଆଇବି ମୁଖ୍ୟ ଦିନେଶ୍ୱର ଶର୍ମା ପ୍ରତିନିଧି କରିବେ । ରାଜନାଥ କହିଛନ୍ତି ଦିନେଶ ଶର୍ମା ସମସ୍ତ ପକ୍ଷଙ୍କ ସହ ଆଲୋଚନା କରିବେ । କୁହାଯାଉଛି ଯେ ୩ବର୍ଷ ପରେ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ରାସ୍ତାରେ ପାଦ ଦେଇଛି । ଯେବେଠୁ ମୋଦୀ ସରକାର କ୍ଷମତାକୁ ଆସିଛନ୍ତି ତେବେଠୁ ବିରୋଧୀ ପାର୍ଟି ଅଭିଯୋଗ କରି ଆସିଛନ୍ତି ଯେ କାଶ୍ମୀର ପ୍ରସଙ୍ଗକୁ ସରକାର ଗମ୍ଭୀରତାର ସହ ନେଇ ନାହାନ୍ତି । ଏଥିପାଇଁ କାଶ୍ମୀରକୁ ନେଇ ଗତ ୩ ବର୍ଷରେ ଏହି ପଦକ୍ଷେପକୁ ମୋଦୀ ସରକାରଙ୍କ ବଳିଷ୍ଠ ପଦକ୍ଷେପ ମାନାଯାଉଛି । ଏହା ପୂର୍ବରୁ ସେପ୍ଟେମ୍ବରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ କାଶ୍ମୀର ଗସ୍ତ କରି ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଥିଲେ । ଏବେ କେନ୍ଦ୍ର ସରକାର କହିଛନ୍ତି ଯେ କେନ୍ଦ୍ରର ପ୍ରତିନିଧି ଉପରେ କୌଣସି ରୋକ୍ ନାହିଁ । ସେ ଯେ କୌଣସି ପକ୍ଷଙ୍କ ସହ ଆଲୋଚନା କରି ପାରିବେଛ ସରକାର କହିଛନ୍ତି ସେ ଜାମ୍ମୁ ଓ କାଶ୍ମୀରର ପ୍ରକୃତ ସମସ୍ୟାକୁ ଜାଣିବାକୁ ଚାହୁଁଛନ୍ତି । ବୁରହାନ ୱାନୀର ମୃତ୍ୟୁ ପରେ କାଶ୍ମୀରରେ ଅନେକ ଦିନ ପର୍ଯ୍ୟନ୍ତ ଉଗ୍ର ପ୍ରଦର୍ଶନ ଜାରି ରହିଥିଲା । ସେହି ସମୟରେ ପ୍ରଦର୍ଶନକୁ ରୋକିବାରେ ସରକାର ବିଫଳ ହୋଇଥିବା ଅଭିଯୋଗ ହୋଇଥିଲା । ଏହା ପୂର୍ବରୁ ମୋଦୀ ସରକାରଙ୍କୁ ଏଥିପାଇଁ ସମାଲୋଚନା କରାଯାଇଥିଲା ଯେ କେନ୍ଦ୍ର କାଶ୍ମୀର ସମସ୍ୟାକୁ ସୁରକ୍ଷାବଳଙ୍କ ଜରିଆରେ ସମାଧାନ କରିବାକୁ ଚାହୁଁଛନ୍ତି । ଅନ୍ୟପଟେ ପାକିସ୍ତାନ ସହ ଆଲୋଚନା ବନ୍ଦ ହୋଇଯିବା ଫଳରେ କାଶ୍ମୀର ସମସ୍ୟା ବଢ଼ି ଚାଲିଥିଲା । ସରକାର ବିଚ୍ଛିନ୍ନତାବାଦୀଙ୍କ ପ୍ରତି ଏତେ କଠୋର ଥିଲେ ଯେ ୨୦୧୩ରେ ପାକିସ୍ତାନର ବିଦେଶ ମନ୍ତ୍ରୀ ସରତାଜ ଅଜିଜଙ୍କ ଭାରତ ଗସ୍ତକୁ ସରକାର ରଦ୍ଦ କରି ଦେଇଥିଲେ । କାରଣ ଏହା ପୂର୍ବରୁ ପାକିସ୍ତାନୀ ଉଚ୍ଚାୟୁକ୍ତ ଅବଦୁଲ ବାସିତ ରାତ୍ର ଭୋଜନରେ ବିଚ୍ଛିନ୍ନତାବାଦୀ ନେତାଙ୍କୁ ଡକାଇ ଦେଇଥିଲେ । ଏଥିରେ କେନ୍ଦ୍ର ଅସନ୍ତୁଷ୍ଟ ଥିଲା ଏବଂ ପାକିସ୍ତାନ ସହ ଆଲୋଚନା ବନ୍ଦ କରି ଦେଇଥିଲା ।



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୨୩.୧୦.୧୭)
୨,୦୨,୩୫୪

ଭୁଲ ମାଗିଲେ ଜିଲ୍ଲାପାଳ

କେନ୍ଦ୍ରାପଡା ୨୩।୧୦ (ସକାଳ ଖବର): ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ଆଳି ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ହଜାର ହଜାର ସମର୍ଥକ ଏ.ଏଡି.ଏମ୍ ଧନଞ୍ଜୟ ସ୍ୱାଇଁଙ୍କୁ ଘଣ୍ଟାଏ ରଖିଥିଲେ। ପରେ ଜିଲ୍ଲାପାଳ ରେଘୁ ଜୀ ଘଟଣାସ୍ଥଳରେ ପହଞ୍ଚି ଭୁଲ ମାଗିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୋମବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକଙ୍କ ନିତୃତ୍ୱରେ ଦିଆଯାଇଥିବା ଧାରଣାସ୍ଥଳରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ଆଳି ନିର୍ବାଚନ ମଣ୍ଡଳୀ ର ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି, ପ୍ରିୟାପ୍ରିତି ତୋଷଣ ଓ ରାଜନୈତିକ ପକ୍ଷପାତିତା ସୀମା ଅତିକ୍ରମ କରିଥିବା ଅଭିଯୋଗ କରି ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ବିଧାୟକ ଦେବେନ୍ଦ୍ର ଶର୍ମା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେ ଏ ନେଇ ୧୫ ଦିନ ତଳୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନକୁ ସୂଚନା ଦିଆଯାଇଥିଲେ ମଧ୍ୟ ଜିଲ୍ଲା କାର୍ଯ୍ୟାଳୟରେ କୌଣସି ପଦସ୍ଥ ଅଧିକାରୀ ଉପସ୍ଥିତ ନଥିଲେ। ୯ଦଫା ସମ୍ବଳିତ ସ୍ମାରକପତ୍ର ଧାରଣାସ୍ଥଳରୁ ବିଦାୟକଙ୍କ ଠାରୁ ନେବା ପାଇଁ କୌଣସି ଅଧିକାରୀ ନଥିବାରୁ ଧାରଣାକାରୀ ମାନେ ଦିନ ୧.୩୦ ବେଳେ ଜବରଦସ୍ତ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ମାତ୍ର ଶସ୍‌ବଳ୍ପ ସଂଖ୍ୟକ ପୁଲିସ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବାରୁ ବିଧାୟକଙ୍କ ସହ ଧାରଣାକାରୀ ମାନେ ଗେଟ୍ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ପ୍ରାୟ ଅଧଘଣ୍ଟା ପରେ ଏଡିଏମ୍ ଶ୍ରୀ ଧନଞ୍ଜୟ ସ୍ୱାଇଁ ବିଧାୟକଙ୍କ ନିକଟରେ ପହଞ୍ଚିବାରୁ ପରିସ୍ଥିତି ଅସମ୍ଭାଳ ହୋଇଉଠିଥରଲା। ଧାରଣାକାରୀ ମାନେ ସରକାରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଜିଲ୍ଲାପାଳ ଆସିବା ଯାଏଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଟକ ରଖିଥିଲେ। ଦୀର୍ଘ ୧ଘଣ୍ଟା ଅପେକ୍ଷା କରିବା ପରେ ଖବର ପାଇ ଜିଲ୍ଲାପାଳ ରେଘୁ ଜୀ ଧାରଣାସ୍ଥଳରେ ପହଞ୍ଚିବାରୁ ଧାରଣାକାରୀ ମାନେ ନାରାବାଜି କରିଥିଲେ। ତେବେ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଜିଲ୍ଲାପାଳ କ୍ଷମା ପ୍ରାର୍ଥନା କରିବା ପରେ ବିଧାୟକ ଓ ତାଙ୍କ ସମର୍ଥକ ମାନେ ସ୍ମାରକପତ୍ର ପ୍ରଦାନ କରି ଧାରଣାରୁ ଉଠିଯାଇଥିଲେ।

ନବୀନ ନିବାସ ସମ୍ମୁଖରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୨୩।୧୦ (ସକାଳ ଖବର): ନବୀନ ନିବାସ ସମ୍ମୁଖରେ ଆଜି ଜଣେ ଯୁବକ ଆତ୍ମାହୁତି ଉଦ୍ୟମ କରିଛନ୍ତି । ସେଠାରେ ଉପସ୍ଥିତ ଥିବା ସିକ୍ୟୁରିଟି ଯୁବକଙ୍କୁ କାବୁ କରିବା ସହ ଅଟକ ରଖି ପଚରାଉଚୁରା କରୁଛନ୍ତି । ଯୁବକଙ୍କ ନାଁ ସୁନୀଲ ଚକ୍ର ଓ ଘର କେନ୍ଦୁଝରର ଘାସିପୁରା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଇନ୍ଦିରା ଆବାସ ନମିଳିବାରୁ ଯୁବକ ଜଣଙ୍କ ଆତ୍ମାହୁତି କରିବାକୁ ଉଦ୍ୟମ କରୁଥିଲେ ବୋଲି ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି । ତେବେ ଘଟଣାର ତଦନ୍ତ ପରେ ସତ୍ୟତା ଜଣାପଡ଼ିବ ବୋଲି ପ୍ରକାଶ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୭ ତାରିଖରେ ନବୀନ ନିବାସ ସାମ୍ନାରେ ଜଣେ ମହିଳା ବିଧାୟକ ବ୍ରଜ ପ୍ରଧାନଙ୍କ ପତ୍ନୀ ଦାବି କାରି ବ୍ଲେଡରେ ନିଜ ବାମ ହାତ କାଟି ଆତ୍ମହୁତି ଉଦ୍ୟମ କରିଥିଲେ । ଜଣେ ସିକ୍ୟୁରିଟି ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

Printed, Published & Owned by Amit Kumar Mallick at Mayur Offset printers ,D-1/1 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick